## ସଂକ୍ଷେପରେ

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଅଭିଯୁକ୍ତ ଅଟକ

**ଦିଗପହଣ୍ଡି,(ଡି.ଏନ.ଏ.)/ପାଟପୁର,୧।୧:** ପାଟପୁର ଥାନା କଂସାମାରୀ ଗ୍ରାମରେ ବୁଧବାର ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଏଥିରେ ଲଣ୍ଡା ଓରଫ ଭାଲୁ ମାହାରଣା ଗୁରୁତର ହୋଇଛନ୍ତି। ପାଟପୁର ପୋଲିସ ଅଭିଯୁକ୍ତ କଂଗ୍ରେସ ଓରଫ ଜି. କଙ୍ଗୁରୁଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ପ୍ରକାଶ ଯେ, ମଧ୍ୟାହ୍ନରେ ଗ୍ରାମର ଭାଲୁ ଓ କଙ୍ଗୁରୁ ପ୍ରଚୁର ନିଶାସକ୍ତ ଥିଲେ। ପରେ ଉଭୟ ସାଙ୍ଗଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ଏହାକୁ କେନ୍ଦ୍ରକରି ଭାଲୁ କଙ୍ଗୁରୁଙ୍କୁ ଆକ୍ରମଣ କରିଥିଲେ। ଏଥିରେ କଙ୍ଗୁରୁ ରାଗିଯାଇ ଘରୁ ଏକ ଲୁହାଛଡ଼ ଆଣି ଭାଲୁଙ୍କୁ ତାଙ୍କ ଘର ସମ୍ମୁଖରେ ଆକ୍ରମଣ କରିଥିଲେ। ଆହତ ଭାଲୁଙ୍କୁ ପରିବାର ଲୋକେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଖବର ଲେଖା ହେବା ସୁଦ୍ଧା ଥାନାରେ କୌଣସି ପକ୍ଷ ଏତଲା ଦେଇ ନ ଥିବା ପୋଲିସ କହିଛି।

### ରାଶନ ଦୋକାନରୁ ଚୋରି

**ଗଞ୍ଜାମ,୧।୧(ଡି.ଏନ.ଏ.):** ଗଞ୍ଜାମ ଥାନା ପୁଇଁତୋଳା ଗ୍ରାମ ନିକଟସ୍ଥ ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକ ରାଶନ ଦୋକାନରୁ ମଙ୍ଗଳବାର ବିଳମ୍ବିତ ରାତିରେ ଟଙ୍କା ସହ ସାମଗ୍ରୀ ଚୋରି ହୋଇଛି। ଏ ନେଇ ଦୋକାନ ମାଲିକ ନାରାୟଣ ପ୍ରଧାନ ବୁଧବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ନାରାୟଣଙ୍କ କହିବାନୁଯାୟୀ, ଗତକାଲି ସାଢ଼େ ୮ଟାରେ ସେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ସକାଳୁ ଆସି ଦୋକାନ ଖୋଲି ଦେଖିଲା ବେଳେ ଆଜବେଷ୍ଟସ୍ ଭାଙ୍ଗିବା ସହ ୧୨ରୁ ୧୫ ହଜାର ଟଙ୍କା ଓ ଅନ୍ୟାନ୍ୟ ଜିନିଷ ଚୋରି ହୋଇଯାଇଥିଲା।

# ଛୁଟିରେ ଡାକ୍ତର, ରୋଗୀ ଛଟପଟ

## ଖାଲିଥିବା ଡାକ୍ତର ପଦବୀ ପୂରଣ ଦାବି

**ଭଞ୍ଜନଗର,୧।୧(ଡି.ଏନ୍.ଏ.)**

ଭଞ୍ଜନଗର ଉପଖଣ୍ଡ ହସ୍ପିଟାଲ ରାଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ହସ୍ପିଟାଲ। ଉକ୍ତ ହସପିଟାଲକୁ ଜିଲା ହସପିଟାଲ ଠାରୁ ଅଧିକ ରୋଗୀ ଦୈନନ୍ଦିନ ଆସନ୍ତି। ଚାହିଦାକୁ ଦେଖି ଭିତ୍ତିଭୂମି ସୁଦୃଢ଼ କରାଯାଇଛି। କିନ୍ତୁ ଖାଲିଥିବା ଡାକ୍ତର ପଦବୀ ପୂରଣ କରାଯାଉନାହିଁ। ଯେଉଁଥିପାଇଁ ଅଧିକାଂଶ ସମୟ ରୋଗୀସେବା ବାଧାପ୍ରାପ୍ତ ହେଉଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଖାଲିଥିବା ଡ଼ାକ୍ତର ପଦବୀ ପୂରଣ କରିବା ପାଇଁ ଦାବି ହୋଇଛି। ଏହି ହସପିଟାଲ ଉପରେ ଭଞ୍ଜନଗର ଉପଖଣ୍ଡ, କନ୍ଧମାଳ ଓ ନୟାଗଡ଼ ଜିଲା ସୀମାବର୍ତ୍ତୀ ଅଞ୍ଚଳର ଲୋକେ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭରଶୀଳ। ଭଞ୍ଜନଗର ଉପଖଣ୍ଡ ହସ୍ପିଟାଲରେ ୨୩ ଡ଼ାକ୍ତର ପଦବୀ ଅନୁମୋଦନ ହୋଇଥିବାବେଳେ ବର୍ତ୍ତମାନ ୧୧ ଜଣ କାର୍ଯ୍ୟରତ। ବ୍ୟକ୍ତିଗତ କାରଣରୁ ମେଡ଼ିସିନି ଭଳି କିଛି ଗୁରୁତ୍ୱପୂର୍ଣ୍ଣ ବିଭାଗର ଡ଼ାକ୍ତର ସପ୍ତାହେ ହେବ ଛୁଟିରେ ଅଛନ୍ତି। ଛୁଟିରେ ଥିବା କେତେଜଣ ଡ଼ାକ୍ତର ଗୁରୁବାର କାର୍ଯ୍ୟରେ ଯୋଗ ଦେବାର ସମ୍ଭାବନା ରହିଛି। ଆଉ ୨ଜଣ ଡ଼ାକ୍ତର ଲମ୍ବା ଛୁଟିରେ ଅଛନ୍ତି। ତେଣୁ ସରକାର ଅନୁମୋଦନ ହୋଇଥିବା ଡ଼ାକ୍ତର ପଦବୀ ଗୁଡ଼ିକ ତୁରନ୍ତ ପୂରଣ ପାଇଁ ଦାବି ହୋଇଛି। ସର୍ଜରି, ଅସ୍ଥିଶଲ୍ୟ ବିଶେଷଜ୍ଞ ପଦବୀ ୨ବର୍ଷରୁ ଊର୍ଦ୍ଧ୍ୱ ହେବ ଖାଲିପଡ଼ିଛି। ଏଥିସହ ଅନ୍ୟାନ୍ୟ ବିଭାଗର ଡ଼ାକ୍ତର ପଦବୀ ଖାଲିପଡ଼ିଛି। ଲୋକେ ସାମାନ୍ୟ ଆହତ ହୋଇ ଭଞ୍ଜନଗର ମେଡ଼ିକାଲକୁ ଆସିଲେ ମଧ୍ୟ ବ୍ରହ୍ମପୁର ଅଧିକ ଚିକିତ୍ସା ପାଇଁ ଯିବାକୁ ପଡୁଛି। କିଛିଦିନତଳେ ଜିଲୁଣ୍ଡିର ଜଣେ ବ୍ୟକ୍ତି ସିକଲସେଲ୍ ରକ୍ତ ପରୀକ୍ଷା ଭଞ୍ଜନଗର ମେଡ଼ିକାଲରେ କରିଥିଲେ। ଏଠାରେ ସିକଲସେଲ ନ ଥିବା ରିପୋର୍ଟ ଆସିଥିଲା। ଏହାର ୨ଦିନ ପରେ ସେ ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଯାଇ ରକ୍ତ ପରୀକ୍ଷା କରିବାରୁ ପଜେଟିଭ୍ ଥିବା ଜଣାପଡିଥିଲା। ବର୍ତ୍ତମାନ କେଉଁ ରିପୋର୍ଟ ଠିକ୍ ତାହାକୁ ନେଇ ରୋଗୀ ଦ୍ୱନ୍ଦ୍ୱରେ। ଦୁଇଟି ସରକାରୀ ପରୀକ୍ଷା କେନ୍ଦ୍ରରେ ଅଲଗା ଅଲଗା ରିପୋର୍ଟ କଥା ଲୋକ ଲୋଚନକୁ ଆସିବା ପରେ ରୋଗୀମାନେ ମଧ୍ୟ ମେଡ଼ିକାଲରେ ପରୀକ୍ଷା କରିବାକୁ ନେଇ ଭୟଭୀତ ହୋଇପଡ଼ିଛନ୍ତି। ଏନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଏନେଇ ଭଞ୍ଜନଗର ମେଡ଼ିକାଲ ଅଧୀକ୍ଷକ ଡ. ପ୍ରଫୁଲ୍ଲ କୁମାର ଗୌଡଙ୍କ ସହ ଯୋଗାଯୋଗ କରିବାରୁ ସେ ଏଠାରେ କହିଛନ୍ତି ଯେ, ଖାଲିଥିବା ଡାକ୍ତରୀ ପଦବୀ ପୂରଣ ପାଇଁ ପଦକ୍ଷେପ ନିଆଯାଇଛି। ନୂତନ ନିଯୁକ୍ତି ସମୟରେ ଏହି ସମସ୍ୟା ପ୍ରାୟ ଦୂରହେବ।



ଭିନ୍ନ ଭିନ୍ନ ରିପୋର୍ଟ।

**ଭଞ୍ଜନଗର ଉପଖଣ୍ଡ ହସ୍ପିଟାଲ**

## ମର୍ଚ୍ଚାଣ୍ଟ ଆସୋସିଏସନର ଜିରୋନାଇଟ



କାର୍ଯ୍ୟକ୍ରମରେ ଉପସ୍ଥିତ ସଭ୍ୟ।

**ହିଞ୍ଜିଳିକାଟୁ,୧।୧(ଡି.ଏନ୍.ଏ.):** ହିଞ୍ଜିଳିକାଟୁ ତାରାତାରିଣୀ ଭେଜିଟେବୁଲ ମଜଦୁର ସଂଘ ଓ ମର୍ଚ୍ଚାଣ୍ଟ ଆସୋସିଏଶନ ପକ୍ଷରୁ ମଙ୍ଗଳବାର ରାତିରେ ପରିବା ବଜାର ପ୍ରାଙ୍ଗଣରେ ଜିରୋନାଇଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆସୋସିଏଶନ ସଭ୍ୟ ମାଧବ ଗୌଡ଼ଙ୍କ ସଂଯୋଜନାରେ କାର୍ଯ୍ୟକ୍ରମରେ ମର୍ଚ୍ଚାଣ୍ଟ ଓ ମଜଦୁର ସଂଘର ସଭାପତି ଶମ୍ଭୁ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଉପସଭାପତି କୃଷ୍ଣ ଗୌଡ଼, ଡ. କୁନା ବିଶୋୟୀ, ପ୍ରତିଷ୍ଠାତା ସଭାପତି ଜଗବନ୍ଧୁ ବାଡ଼ତ୍ୟା, ବରିଷ୍ଠ ସଭ୍ୟ ବାୟା ଗୌଡ଼ ଓ ମଜଦୁର ସଂଘର ସମ୍ପାଦକ ଅରୁଣ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ହିଞ୍ଜିଳିକାଟୁ ପ୍ରେସ କ୍ଲବର ବହୁ ଖବରଦାତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ତର୍ଯ୍ୟାମୀ ପଣ୍ଡା, ଜୟରାମ ପାତ୍ରଙ୍କ ସହ ଉଭୟ ଅନୁଷ୍ଠାନର ବହୁ ସଦସ୍ୟ, ଚାଷୀ ଓ ପରିବା ବ୍ୟବସାୟୀ ଓ ଶ୍ରମିକ ଏଥିରେ ଉପସ୍ଥିତ ଥିଲେ।

## ଶ୍ରଦ୍ଧାଞ୍ଜଳି ଶୋଭାଯାତ୍ରା

**ଆସିକା,୧।୧(ଡି.ଏନ୍.ଏ):** ଆସିକା ବ୍ଲକର ଖାରିଆ ସରପଞ୍ଚ ଅରବିନ୍ଦ ଲେଙ୍କାଙ୍କ ଭାଇ ତଥା ଯୁବ ବିଜେଡି ନେତା ବାହନ ଲେଙ୍କାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ମଙ୍ଗଳବାର ସନ୍ଧ୍ୟାରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରାରେ ଶତାଧିକ ଯୁବକ ଘେଟକୁରୀରୁ ବାହାରି ଖାରିଆ ପଞ୍ଚାୟତ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ଖାରିଆ ପଞ୍ଚାୟତରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଦିବଙ୍ଗତ ନେତା ବାହାନଙ୍କ ସାମାଜିକ କାର୍ଯ୍ୟକ୍ରମର ସ୍ମୃତିଚାରଣ କରାଯାଇଥିଲା। ସୂଚନାଯୋଗ୍ୟ, ୨୦୧୮ ଡିସେମ୍ବର ୩୧ ତାରିଖରେ ବାହନ ତାଙ୍କର ଜଣେ ସହଯୋଗୀଙ୍କ ସହ ବାଇକ୍‌ରେ ଆସିକାରୁ ନିଜ ଗ୍ରାମକୁ ଫେରୁଥିବା ବେଳେ କଲେଜ ଛକ ରାସ୍ତାରେ ଦୁର୍ବୃତ୍ତମାନେ ତାଙ୍କୁ ଗୁଳିକରି ହତ୍ୟା କରିଥିଲେ।

## ନବବର୍ଷ ସ୍ୱାଗତ ଉତ୍ସବ



**ଆସିକା, ୧।୧ (ଡି.ଏନ୍.ଏ):** ନୂଆବର୍ଷକୁ ସ୍ୱାଗତ ଜଣାଇ ମଙ୍ଗଳବାର ରାତିରେ ଆସିକାରେ ଆଧ୍ୟାତ୍ମିକ ଓ ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ପୃଥକ୍ ଭାବେ ଉତ୍ସବ ପାଳିତ ହୋଇଥିଲା। ବିଜୁପଟ୍ଟନାୟକ ଛକସ୍ଥିତ ଶ୍ରୀ ଅରବିନ୍ଦ ପାଠଚକ୍ରରେ ମଧ୍ୟ ରାତିରେ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଧ୍ୟାନ, ପ୍ରାର୍ଥନା, ମାତୃମନ୍ତ୍ର ପଠନ ସହ ଶ୍ରୀମା ଶ୍ରୀଅରବିନ୍ଦଙ୍କ ବାଣୀ ପଠନ କରାଯାଇଥିଲା। ସେହିଭଳି ରେଡିଦାମୋଦରପଲ୍ଲୀସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଏବଂ ଆସିକା ଏନ୍ଏସି ଟାଉନ ହଲରେ ନବବର୍ଷକୁ ସ୍ୱାଗତ କରାଯାଇଛି। ଏହି ଉତ୍ସବରେ ଆସିକା ଏମ୍‌ପି. ପ୍ରମିଳା ବିଷୋୟୀ ଯୋଗଦେଇଥିବା ବେଳେ ବିଧାୟିକା ମଞ୍ଜୁଳା ସ୍ୱାଇଁ, ବ୍ଲକ ଅଧକ୍ଷ ହରେକୃଷ୍ଣ ମଳିକ, ସାନଖେମୁଣ୍ଡି ବିଡିଓ ଗାୟତ୍ରୀଦତ୍ତ ନାୟକ, ତହସିଲଦାର ଆଶୁତୋଷ ଗୌରବକର ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଏମ୍‌ପି ବିଷୋୟୀ ଗୀତ ଗାଇବା ସହ ନାଚିଥିଲେ। ମଧ୍ୟରାତିରେ ଅତିଥିମାନଙ୍କ ଦ୍ୱାରା କେକ୍ କଟାଯାଇଥିଲା।

## ତାରାତାରିଣୀ ଦର୍ଶନ କଲେ ଶ୍ରଦ୍ଧାଳୁ


ମା' ତାରାତାରିଣୀଙ୍କ ପୀଠରେ ଭକ୍ତଙ୍କ ଭିଡ଼।

**ପୁରୁଷୋତ୍ତମପୁର, ୧।୧(ଡି.ଏନ.ଏ.)**

ଗଞ୍ଜାମ ଜିଲାର ପ୍ରସିଦ୍ଧ ମା' ତାରାତାରିଣୀଙ୍କ ପୀଠରେ ନବବର୍ଷ ଅବସରରେ ମା'ଙ୍କ ଦର୍ଶନ ଲାଗି ବିଭିନ୍ନ ସ୍ଥାନରୁ ବହୁ ଭକ୍ତଙ୍କ ଭିଡ଼ ଜମିଛି। ଏହି ସ୍ଥାନଟି ପିକନିକ୍‌ସ୍ଥଳ ହୋଇଥିବାରୁ ପର୍ଯ୍ୟଟକମାନେ ଆସି ବଣଭୋଜି କରି ମଜା ଉଠାଉଛନ୍ତି। ଏଥିଯୋଗୁ ତାରାତାରିଣୀଙ୍କ ଅଞ୍ଚଳଟି ଲୋକାରଣ୍ୟ ହୋଇପଡିଥିଲା। ପୁରୁଷୋତ୍ତମପୁର ଏସ୍ଆଇ ସୁନୀଲ ପ୍ରଧାନଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ ରହି ଟ୍ରାଫିକ ଓ ଆଇନ ଶୃଙ୍ଖଳାକୁ ନିୟନ୍ତ୍ରଣ କରିଛନ୍ତି।

## ମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ ଲୋକେ

- ନୂଆବର୍ଷରେ ବିଜୁ ପାର୍କରେ ଭିଡ଼
- ପ୍ରଚାରରୁ ଦୂରେଇ ରହିଲେ ବିରୋଧୀ


ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କୁ ନୂତନବର୍ଷର ଅଭିନନ୍ଦନ ଜଣାଉଛନ୍ତି।

**ଭଞ୍ଜନଗର,୧।୧(ଡି.ଏନ୍.ଏ.)**

ନୂଆ ବର୍ଷକୁ ସ୍ୱାଗତ କରିବା ପାଇଁ ଭଞ୍ଜନଗର ଅଞ୍ଚଳର ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ଲୋକଙ୍କ ଭିଡ଼ ଜମିଥିଲା। ସ୍ଥାନୀୟ ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନରେ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଥିଲା। ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପାର୍କ ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସନ୍ଧ୍ୟାରେ ପାର୍କ ରାସ୍ତାରେ ଭିଡ ଯୋଗୁ ଟ୍ରାଫିକ୍ ସମସ୍ୟା ହୋଇଥିଲା। ସେହିଭଳି ସ୍ଥାନୀୟ ବିଧାୟକ ତଥା ଜଙ୍ଗଲ ଓ ପରିବେଶ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ଅଗଖୋଲସ୍ଥିତ ବାସଭବନରେ ସକାଳୁ ସକାଳୁ ଶୁଭେଚ୍ଛୁଙ୍କ ଭିଡ଼ ଜମିଥିଲା। ଭଞ୍ଜନଗର ଓ ସୋରଡ଼ା ନିର୍ବାଚନମଣ୍ଡଳୀର ଜନସାଧାରଣ ମନ୍ତ୍ରୀଙ୍କୁ ଦିବା ୨ଟା ପର୍ଯ୍ୟନ୍ତ ସାକ୍ଷାତ କରି ଶୁଭେଚ୍ଛା ଜଣାଇଥିଲେ। ଭାଜପା ନେତା ଡ଼ି. ଚେଲପତି ରାଓଙ୍କ ସମେତ ଆଉ କେତେକ ଭାଜପା ନେତା ମଧ ମନ୍ତ୍ରୀଙ୍କୁ ସାକ୍ଷାତ କରି ଅଭିନନ୍ଦନ ଜଣାଇଥିଲେ। ଏଥିସହ ଜିଲାର ବିଭିନ୍ନ ବିଭାଗର ଉଚ୍ଚ ପଦାଧିକାରୀମାନେ ମଧ୍ୟ ମନ୍ତ୍ରୀଙ୍କୁ ସାକ୍ଷାତ କରିଛନ୍ତି। କଂଗ୍ରେସ ନେତା ଦେବୀ ବିଷୋୟୀ, ପ୍ରଶାନ୍ତ ବିଷୋୟୀ ପ୍ରମୁଖ ସହରର ବିଭିନ୍ନ ସ୍ଥାନରେ ପ୍ରଚାରପତ୍ର ମାରି ଲୋକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଭାଜପା ନେତାମାନେ ସହରରେ ପ୍ରଚାରପତ୍ର ମାରି ନ ଥିଲେ ମଧ୍ୟ ମୁଜାଗଡ଼ଠାରେ ଏକାଠି ହୋଇ ନୂଆବର୍ଷ ପାଳନ କରିଥିଲେ। ଏଥିରେ ଭାଜପା ନେତା ପ୍ରଦ୍ୟୁମ୍ନ ନାୟକ, ସନ୍ତୋଷ ତିଆଡ଼ି, ସନ୍ତୋଷ ପାଳ ପ୍ରମୁଖ ସାମିଲ ଥିଲେ।

### ଆହାର କେନ୍ଦ୍ର ନିର୍ମାଣ ଭିତ୍ତିପ୍ରସ୍ତରକୁ ବର୍ଷେ ପୂରିଲା

## ଅସ୍ଥାୟୀ ଆହାର କେନ୍ଦ୍ର ଲାଗି ଖେଳକୁଦରେ ଅସୁବିଧା

**ଗଞ୍ଜାମ,୧।୧(ଡି.ଏନ.ଏ.)**

ଗଞ୍ଜାମ ସହର ତ୍ରିବେଣୀ ମଠ ଛକ ଠାରେ ଆହାର କେନ୍ଦ୍ର ନିର୍ମାଣ ପାଇଁ ଜିଲା ଗ୍ରାମ ଉନ୍ନୟନ ସଂସ୍ଥା ପକ୍ଷରୁ ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ଭିତ୍ତିପ୍ରସ୍ତରକୁ ବର୍ଷେ ପୂରିଲାଣି, କିନ୍ତୁ ଉକ୍ତ ସ୍ଥାନ ମାଟି ପକାଇ ସମତୁଲରେ ସିମିତ ରହିଛି। ତେଣୁ ବର୍ଷେ ହେଲା ମିନିଷ୍ଟାଡିୟମରେ ଅସ୍ଥାୟୀ ଆହାର କେନ୍ଦ୍ର ଚାଲିଛି। ଫଳରେ ସ୍ଥାନୀୟ ଯୁବକମାନଙ୍କୁ ସେଠାରେ ଖେଳକୁଦରେ ଅସୁବିଧା ହେଉଥିବା ଅଭିଯୋଗ କରିଛନ୍ତି। ଏଣୁ ସ୍ଥାୟୀ ଆହାର କେନ୍ଦ୍ର ନିର୍ମାଣ ପାଇଁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭୁ କଲ୍ୟାଣ ଦାସଙ୍କୁ ପଚାରିବାରୁ ଟେଣ୍ଡର କାର୍ଯ୍ୟ ସରିଛି ଖୁବ୍‌ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଅନ୍ୟପଟେ କାହିଁକି ନିର୍ମାଣ କାର୍ଯ୍ୟ ବିଳମ୍ବ ଘଟୁଛି, ଏନ୍ଏସି ଇଓଙ୍କ ସହ ଆଲୋଚନା ପରେ ପଦକ୍ଷେପ ନିଆଯିବ ବୋଲି ବିଡିଓ ଜ୍ୟୋତି ଶଙ୍କର ରାଏ କହିଛନ୍ତି।
























## ସଂକ୍ଷେପରେ

### ଲୁଗା ଲଗାଇ ଆତ୍ମହତ୍ୟା

ବ୍ରହ୍ମପୁର ଅଫିସ,୧।୧: ଟାଉନ ଥାନା ଅନ୍ତର୍ଗତ ତୁଳସୀନଗରରେ ଜଣେ ବ୍ୟକ୍ତି ଲୁଗା ଲଗାଇ ବୁଧବାର ଆତ୍ମହତ୍ୟା କରିଛନ୍ତି। ସେ ହେଲେ ସୁଧାକର ପଟ୍ଟନାୟକ (୪୦)। ମୃତଦେହ ଗୁରୁବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ଆତ୍ମହତ୍ୟା କାରଣ ଜଣାପଡି ନ ଥିବା ବେଳେ ଘରୋଇ ଅଶାନ୍ତିରୁ ସେ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ବୁଧବାର ସୁଧାକର ଘର ଭିତର ପଟୁ କବାଟ ବନ୍ଦ କରି ରହିଥିଲେ। ଅପରାହ୍ଣରେ ତାଙ୍କୁ ଖାଇବା ପାଇଁ ଡକାଯାଇଥିଲା। ସେ ଦୀର୍ଘ ସମୟ ପର୍ଯ୍ୟନ୍ତ କବାଟ ନ ଖୋଲିବାରୁ ପରିବାର ଲୋକଙ୍କ ସନ୍ଦେହ ହୋଇଥିଲା। ଝରକା ଭାଙ୍ଗି ଦେଖିବା ବେଳେ ସେ ଲୁଗା ଲଗାଇ ଝୁଲୁଥିଲେ। ପରିବାର ଲୋକେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

### ରାଜ୍ୟସ୍ତରୀୟ ପାରଳା ନାଟକ ମହୋତ୍ସବ ଉଦ୍‌ଯାପିତ
### ନାଟକ 'ଭଗ୍ନାଂଶ', 'ମିଛି କା ରିସ୍ତା' ମଞ୍ଚସ୍ଥ

ପାରଳାଖେମୁଣ୍ଡି,୧।୧(ସ୍ୱ.ପ୍ର.): ପାରଳାଖେମୁଣ୍ଡିସ୍ଥିତ ଅର୍ବାନ୍ ବ୍ୟାଙ୍କ୍ ପଡ଼ିଆରେ 'କ୍ରିଏଟିଭ୍ ଆର୍ଟସ୍'ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ପାରଳା ନାଟକ ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ରାୟଗଡ଼ା ଜିଲାର ରୟାଲ୍ ଚାଲେଞ୍ଜର୍ସ କଲ୍‌ଚରାଲ ଆସୋସିଏଶନ୍ ପକ୍ଷରୁ ନାଟକ 'ଭଗ୍ନାଂଶ' ମଞ୍ଚସ୍ଥ ହୋଇଥିଲା। ଏଥିରେ ଆୟୋଜକ କ୍ରିଏଟିଭ୍ ଆର୍ଟସ୍‌ର କଳାକାରମାନଙ୍କ ଦ୍ୱାରା ନାଟକ 'ମିଛି କା ରିସ୍ତା' ନାଟକ ମଞ୍ଚସ୍ଥ ହୋଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିଭାବେ ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ ଯୋଗଦେଇ ଏଭଳି ଏକ ନାଟକ ମହୋତ୍ସବ ଆୟୋଜନ ଐତିହାସିକ ସହରକୁ ଋଦ୍ଧିମନ୍ତ କରିଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ମନୋଜ କୁମାର ପାଢୀ (ମୁନ୍ନା),ଏମ୍.ପୃଥ୍ୱିରାଜ, ଆଦର୍ଶ ଦାସ, ଶୁଭ୍ରାଂଶୁ ଶେଖର ପଟ୍ଟନାୟକ, ପ୍ରବୀଣ ଚନ୍ଦ୍ର ପଣ୍ଡା, ସୁଜିତ ପାଣିଗ୍ରାହୀ ପ୍ରମୁଖ ପରିଚାଳନା କରିଥିଲେ। ଏହି ସହରରୁ ବହୁ ନାଟ୍ୟକାର ତଥା କଳାକାର ସୃଷ୍ଟି ହୋଇଛନ୍ତି। ଏହି ରାଜ୍ୟସ୍ତରୀୟ ଉତ୍ସବ ସହରକୁ ପୁଣିଥରେ ମୁଖ୍ୟସ୍ରୋତକୁ ନେବାରେ ସହାୟକ ହେବ ବୋଲି ସେ କହିଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ନୂଆ ବର୍ଷରେ ବିଏମ୍‌ସିର ନୂଆ ପଦକ୍ଷେପ

# ସହରକୁ ସ୍ୱଚ୍ଛ, ସୁନ୍ଦର କରିବାକୁ ସଙ୍କଳ୍ପ

ବ୍ରହ୍ମପୁର ଅଫିସ,୧।୧

- ଶୁଭାରମ୍ଭ ହେଲା ଅନ୍‌ଲାଇନ୍ ଅର୍ବାନ ସେବା
- ଉଦ୍‌ଘାଟିତ ହେଲା ସିଟି ସର୍ଭିଲାନ୍ସ ବ୍ୟବସ୍ଥା
- ରକ୍ ଗାର୍ଡେନ, ମାଛ ମାର୍କେଟର ଶୁଭାରମ୍ଭ

ନୂତନବର୍ଷରେ ବହୁ ନୂଆ ପଦକ୍ଷେପ ଗ୍ରହଣ କରିଛି ବ୍ରହ୍ମପୁର ମହାନଗର ନିଗମ। ସହରବାସୀ ଘର ପାଖରେ ବିଭିନ୍ନ ଅତ୍ୟାବଶ୍ୟକ ସେବା ଉପଲବ୍ଧ କରାଇବା ନେଇ ବିଏମ୍‌ସି ପକ୍ଷରୁ ଅର୍ବାନ ସେବା ଆପ୍‌ର ଶୁଭାରମ୍ଭ କରାଯାଇଛି। ସେହିପରି ସହରରେ ଆପରାଧିକ କାର୍ଯ୍ୟକଳାପ ରୋକିବା, ବିଏମ୍‌ସିର ନିୟମ ଖିଲାପକାରୀଙ୍କ ଉପରେ ନଜର ରଖିବା, ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କୁ ରୋକିବା ନେଇ ସିଟି ସର୍ଭିଲାନ୍ସ ବ୍ୟବସ୍ଥାର ମଧ୍ୟ ବିଏମ୍‌ସି ପକ୍ଷରୁ ଶୁଭାରମ୍ଭ କରାଯାଇଛି। ବିଏମ୍‌ସି ପରିସରରେ ନୂତନ ବର୍ଷ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ର ଶେଖର ସାହୁ ଏହି ଦୁଇ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ଏଥିସହ ଆମ୍ବପୁଆରେ ବିଡିଏ ପକ୍ଷରୁ ୮ କୋଟି ଟଙ୍କାରେ ନର୍ମାଣାଧୀନ ରକ୍ ଗାର୍ଡେନ(ପଥର ବଗିଚା) ନିର୍ମାଣ କାର୍ଯ୍ୟ, ମର୍ଦ୍ଦରାଜ ଭେଣ୍ଡିଂ ଜୋନ୍ ପରିସରରେ ୨.୮୬ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁଥିବା ଅତ୍ୟାଧୁନିକ ମାଛମାର୍କେଟ କାର୍ଯ୍ୟ, ବିଏମ୍‌ସି ପରିସରରେ ଖାଲିଥିବା ସ୍ଥାନରେ ୨୨ ଲକ୍ଷ ଟଙ୍କାରେ ପାକାଯିବାକୁ ଥିବା ବ୍ଲକ କାର୍ଯ୍ୟର ମଧ୍ୟ ଏମ୍‌ପି ଶୁଭ ଦେଇଥିଲେ। ବ୍ରହ୍ମପୁରକୁ ସବୁଜ, ସୁନ୍ଦର ଓ ସ୍ମାର୍ଟ ସହରରେ ପରିଣତ କରିବା ନେଇ ପୂର୍ବରୁ ବହୁ ପଦକ୍ଷେପ ଗ୍ରହଣ କରାଯାଇଛି। ନୂତନ ବର୍ଷ ଅବସରରେ ଶୁଭାରମ୍ଭ ହୋଇଥିବା ସିଟି ସର୍ଭିଲାନ୍ସ ଓ ଅର୍ବାନ ସେବା ଆପ୍ ମହାନଗରକୁ ରାଜ୍ୟ ତଥା ଦେଶର ଏକ ଅଗ୍ରଣୀ ତଥା ସ୍ମାର୍ଟ ସହରରେ ପରିଣତ କରିବାରେ ଯଥେଷ୍ଟ ସହାୟକ ହେବା ନେଇ ବିଏମ୍‌ସି ପକ୍ଷରୁ କୁହାଯାଇଥିଲା। କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ଗୋପାଳପୁର ବିଧାୟକ ପ୍ରଦୀପ କୁମାର ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର, ଗଞ୍ଜାମ ଏସ୍‌ପି ବ୍ରିଜେଶ ରାଏ, ବ୍ରହ୍ମପୁର ଏସ୍‌ପି ପିନାକ୍ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ସହରକୁ ସବୁଜ,ସୁନ୍ଦର, ସ୍ୱଚ୍ଛ ଓ ପ୍ଲାଷ୍ଟିକ ମୁକ୍ତ ସହରରେ ପରିଣତ କରିବାକୁ ବିଏମ୍‌ସି କର୍ମଚାରୀଙ୍କୁ ଅତିଥିମାନେ ଶପଥପାଠ କରାଇଥିଲେ।


ବିଏମ୍‌ସି ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଶପଥ ପାଠ କରୁଛନ୍ତି।

## ସିଟି ସର୍ଭିଲାନ୍ସ ବ୍ୟବସ୍ଥା

ସହରର ଟ୍ରାଫିକ ବ୍ୟବସ୍ଥାର ନିୟନ୍ତ୍ରଣ ପାଇଁ ଅଗଷ୍ଟ ମାସରେ ବିଏମ୍‌ସି ପକ୍ଷରୁ ଶୁଭାରମ୍ଭ ହୋଇଥିବା ଆଇଟିଏମ୍‌ଏସ୍(ଇଣ୍ଟିଗ୍ରେଟେଡ ଟ୍ରାଫିକ ମ୍ୟାନେଜମେଣ୍ଟ ସିଷ୍ଟମ) ସହ ସିଟି ସର୍ଭିଲାନ୍ସ ବ୍ୟବସ୍ଥାକୁ ସଂଯୋଗ କରାଯାଇଥିଲା। ଏହି ବ୍ୟବସ୍ଥାରେ ସହରରେ ଆଇଟିଏମ୍‌ଏସ୍ ବ୍ୟବସ୍ଥା ସହ ସଂଲଗ୍ନ ଗେଟବଜାର, ପିଭିଏନ୍ ରାଓ, କୋର୍ଟପେଟା, କମାପଲ୍ଲୀ ଓ ଟାଟାବେଞ୍ଚ ଛକ ବ୍ୟତୀତ ଅନ୍ୟ ପ୍ରମୁଖ ୨୪ ଛକରେ ୮୭ ହାଇ ରିଜୋନେଶନ କ୍ୟାମେରା ଲଗାଯାଇଛି। ଯାହାକୁ ଆଇଟିଏମ୍‌ଏସ୍ ବ୍ୟବସ୍ଥା ସହ ସଂଲଗ୍ନ କରାଯାଇଛି। ଏହାଦ୍ୱାରା ଉକ୍ତ ୨୪ ଛକରେ ଘଟୁଥିବା ଆପରାଧିକ କାର୍ଯ୍ୟକଳାପ ଉପରେ ଦୃଷ୍ଟି ଦେବା ସହ ବିଏମ୍‌ସି ଓ ବିଡିଏ ଦ୍ୱାରା ପ୍ରଦତ୍ତ ବିଭିନ୍ନ ନିୟମାବଳୀ ଖିଲାପ କରୁଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ବ୍ୟବସ୍ଥା ରହିଛି। ଏହି ସମସ୍ତ ଛକରେ ଲଗାଯାଇଥିବା କ୍ୟାମେରା ନିର୍ଦ୍ଧାରିତ ଛକଠାରୁ ପ୍ରାୟ ୨୦୦ ଫୁଟ ଦୂରତାରେ ମଧ୍ୟ ଘଟୁଥିବା ଘଟଣା, ଦୁର୍ଘଟଣାର ଚିତ୍ରକୁ ଉତ୍ତୋଳନ କରିବାର କ୍ଷମତା ରହିଛି। ଏଥିରେ ରହିଥିବା ଷ୍ଟାର ଲାଇଟ ଫିଚର ଯୋଗୁ ରାତିରେ ଘଟୁଥିବା ଘଟଣାର ମଧ୍ୟ ସମ୍ପୂର୍ଣ୍ଣ ଚିତ୍ର ଏହି କ୍ୟାମେରାରେ କଏଦ ହୋଇପାରିବ। କ୍ୟାମେରାରେ ରେକର୍ଡିଂ ହେଉଥିବା ଘଟଣା ପ୍ରାୟ ୧୫ ଦିନ ପର୍ଯ୍ୟନ୍ତ ଷ୍ଟୋର ହୋଇ ରହିବ। ଆବଶ୍ୟକ ସ୍ଥଳେ ଏହାର ଷ୍ଟୋରେଜ ସମୟ ସୀମାକୁ ୧ ବର୍ଷପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇ ପାରିବ ବୋଲି ଆଇଟିଏମ୍‌ଏସ୍ ବ୍ୟବସ୍ଥା ପରିଚାଳନା କରୁଥିବା ସଂସ୍ଥା ଏମ୍‌ଡି ସଞ୍ଜୀବ କୁମାର ଦାଶ ସୂଚାଇଛନ୍ତି। ଏହି ବ୍ୟବସ୍ଥା ଆରମ୍ଭର ପ୍ରଥମ ଦିନରେ ବାହାରେ ଆବର୍ଜନା ପକାଉଥିବା ୨ ଜଣ ଦୋକାନୀଙ୍କୁ ଜରିମାନା ଚାଲାଣ ପ୍ରେରଣ କରାଯାଇଥିବା ବିଏମ୍‌ସି ପକ୍ଷରୁ ସୂଚନା ମିଳିଛି।

# ନବବର୍ଷ କ୍ୟାଲେଣ୍ଡର ଉନ୍ମୋଚିତ



ଅତିଥିମାନେ କ୍ୟାଲେଣ୍ଡର ଉନ୍ମୋଚନ କରୁଛନ୍ତି।

ବ୍ରହ୍ମପୁର ଅଫିସ,୧।୧

ଅଲ ଓଡିଶା ଦେବାଙ୍ଗ ମହାସଂଘ, ଚୌଡେଶ୍ୱରୀ ଦେବାଙ୍ଗ ସଂଘ, ସିଦ୍ଧେଶ୍ୱର ସ୍ୱାମୀ କଲ୍ୟାଣ ମଣ୍ଡପ ମିଳିତ ଆନୁକୂଲ୍ୟରେ ନୂତନ ବର୍ଷ ଉପଲକ୍ଷେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ବୁଧବାର ଆୟୋଜିତ ହୋଇଯାଇଛି। ମାର୍ଥାପେଟାସ୍ଥିତ ସିଦ୍ଧେଶ୍ୱର ସ୍ୱାମୀ କଲ୍ୟାଣ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଯୋଗଦେଇ ଅନୁଷ୍ଠାନ କ୍ୟାଲେଣ୍ଡର ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଲ ଓଡିଶା ଦେବାଙ୍ଗ ମହାସଂଘ ରାଜ୍ୟ ସଭାପତି ଟି.ଗୋପୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଚୌଡେଶ୍ୱରୀ ଦେବାଙ୍ଗ ସଂଘ ସଭାପତି କେ. ଲକ୍ଷ୍ମଣ ରାଓ, ସମ୍ପାଦକ ବି. ରାଜେଶ୍ୱର ରାଓ, ଶିକ୍ଷା କମିଟି ଉପସଭାପତି ଜେ. କାନ୍ତାରାଓ, କଳାହାଣ୍ଡି ଦେବାଙ୍ଗ ସଂଘ ସଭାପତି ବାଳକୃଷ୍ଣ ସେନାପତି, ଅଲ ଓଡିଶା ଦେବାଙ୍ଗ ମହାସଂଘ ସମ୍ପାଦକ କେ. ବାତୱା ରାଜୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଚକ୍ଷୁ ବିଶେଷଜ୍ଞ ଡ. ଏନ୍. ଭୈରବ ରାଓଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘ ପକ୍ଷରୁ ପହିଲି ଭୋଗ ବଣ୍ଟନ କରାଯାଇଥିଲା। ମହାସଂଘର ସମସ୍ତ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ।

## ଜିଲାସ୍ତରୀୟ ଉଦ୍ୟୋଗୀ ବିକାଶ ତାଲିମ ଉଦ୍‌ଘାଟିତ

ପାରଳାଖେମୁଣ୍ଡି,୧।୧(ସ୍ୱ.ପ୍ର.)

ପାରଳାଖେମୁଣ୍ଡିସ୍ଥିତ କବିଚନ୍ଦ୍ର ପାଠାଗାର ପରିସରରେ ଜିଲା ଶିଳ୍ପ କେନ୍ଦ୍ର ପକ୍ଷରୁ ଜିଲାସ୍ତରୀୟ ଉଦ୍ୟୋଗୀ ବିକାଶ ତାଲିମ କାର୍ଯ୍ୟକ୍ରମ ଉଦଘାଟିତ ହୋଇଛି। ୧୨ ଦିନ ଧରି ଏହି ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ମୋହନ ଶବର ସଭାପତିତ୍ୱ କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ କହିଥିଲେ। ଶିକ୍ଷିତ ବେକାର ଯୁବତୀ ଯୁବକମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ, ସେ ବିଷୟରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲା ଅଗ୍ରଣୀ ବ୍ୟାଙ୍କ ପରିଚାଳକ କିଶୋର ଚନ୍ଦ୍ର ନାଇକ, ସ୍ଥାନୀୟ ୟୁନାଇଟେଡ୍ ବ୍ୟାଙ୍କର ବରିଷ୍ଠ ଶାଖାପରିଚାଳକ ସୁଶାନ୍ତ କୁମାର ପ୍ରଧାନ ଯୋଗଦେଇ ଉଦ୍ୟୋଗୀ ମାନଙ୍କୁ ବିଭିନ୍ନ ବ୍ୟାଙ୍କ୍ ଜରିଆରେ କିଭଳି ଋଣ ପ୍ରଦାନ କରାଯାଉଛି ସେ ବିଷୟରେ କହିଥିଲେ। ସେହିଭଳି ଅନ୍ୟତମ ଅତିଥିଭାବେ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ରର ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ବ୍ରହ୍ମା ଯୋଗଦେଇ କଠିନ ପରିଶ୍ରମ ଦ୍ୱାରା ମନୁଷ୍ୟ କିପରି ସଠିକ୍ ମାର୍ଗରେ ଯାଇପାରିବ ସେ ବିଷୟରେ ବୁଝାଇଥିଲେ। ଜିଲା ଶିଳ୍ପ କେନ୍ଦ୍ରର ପର୍ଯ୍ୟବେକ୍ଷକ ମନୋଜ କୁମାର ମହାପାତ୍ର ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଶଶିଭୂଷଣ ରଥଙ୍କ ଜୟନ୍ତୀ ସମାରୋହ

ବ୍ରହ୍ମପୁର ଅଫିସ,୧।୧

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଏବଂ ବ୍ରହ୍ମପୁର ପୂର୍ବ ପୌରପାଳିକାର ପ୍ରଥମ ଓଡ଼ିଆ ଉପନଗରପାଳ ସ୍ୱର୍ଗତ ଶଶିଭୂଷଣ ରଥଙ୍କ ୧୩୪ତମ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ପ୍ରମୋଦ ପଣ୍ଡାଙ୍କ ନେତୃତ୍ୱରେ ବହୁ ସଂଖ୍ୟକ ଲୋକ ଶୋଭାଯାତ୍ରାରେ ଯାଇ ଶଶିଭୂଷଣ ରଥ ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ପରିସର ଏବଂ ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଅପରପକ୍ଷରେ ଏସ୍‌ଏମ୍‌ଆଇଟି ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ପକ୍ଷରୁ ହିଲ୍‌ପାଟଣାରେ ହୋଇଥିବା ସ୍ମୃତିଚାରଣ ସଭାରେ ଅଧ୍ୟକ୍ଷା ଡ଼. ଭାରତୀବାଳା ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ଼. ଭଗବାନ ଗନ୍ତାୟତ, ଜାମୁଲା ଶଙ୍କର ନାରାୟଣ, ପି.କେ. ପଣ୍ଡା ପ୍ରମୁଖ ଶଶିଭୂଷଣଙ୍କ କର୍ମମୟ ଜୀବନୀ ଓ ତାଙ୍କ ଦେଶପ୍ରେମ ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାର ତଥା ପ୍ରସାରରେ ତାଙ୍କ ଅବଦାନ ଅତୁଳନୀୟ ଥିବା ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ତ୍ରିନାଥ ମହାରଣା, ଜିଲା ବିଜୁ ପଟ୍ଟନାୟକ ସିନିୟର ସିଟିଜେନ ଫୋରମ ସଭାପତି ରାସ ବିହାରୀ ଦାସଙ୍କ ସମେତ ବିଭିନ୍ନ ସ୍ତରର ଲୋକେ ଯୋଗ ଦେଇଥିଲେ। କଲେଜ ଛାତ୍ରୀ ଏବଂ ଏସ୍‌ଏମ୍‌ଆଇଟି ଗଣ ଯୋଗାଯୋଗ ବିଭାଗ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବ୍ରିଟିଶ ସରକାର ବିରୋଧରେ ସଂଗ୍ରାମ ସହ ଗଞ୍ଜାମ ଜିଲା ମାଡ୍ରାସ ପ୍ରେସିଡେନ୍ସି ଅଧୀନରେ ଥିବା ବେଳେ ଶଶିଭୂଷଣ ମାଡ୍ରାସ ବିଶ୍ୱବିଦ୍ୟାଳୟର ଛାତ୍ର ଥାଇ ଓଡ଼ିଆଙ୍କ ସ୍ୱାର୍ଥ ଲାଗି ସ୍ୱର ଉତ୍ତୋଳନ କରିଥିଲେ।

## ନିଆଁ ପୁଇଁବା ବେଳେ ଦୁର୍ଘଟଣା: ଅର୍ଦ୍ଧଦଗ୍ଧ ଶିଶୁ ମୃତ

ବ୍ରହ୍ମପୁର ଅଫିସ,୧।୧

ଶୀତ ଦାଉରୁ ରକ୍ଷା ପାଇବା ପାଇଁ ୩ ଜଣ ଶିଶୁ ନିଆଁ ପୁଇଁଲା ବେଳେ ଜଣେ ଶିଶୁର ମୃତ୍ୟୁ ଘଟିଛି। ଅର୍ଦ୍ଧଦଗ୍ଧ ଶିଶୁଟିର ଏମ୍‌କେସିଜି ମେଡିକାଲରେ ମୃତ୍ୟୁ ଘଟିଛି। ମୃତକ ବୁଗୁଡା ଥାନା ପଙ୍କଲବାଡ଼ି ଗ୍ରାମର ସନ୍ତୋଷ ସ୍ୱାଇଁଙ୍କ ଝିଅ ସ୍ନେହା (୬)। ମେଡିକାଲ ଫାଣ୍ଡି ପୋଲିସ ବୁଧବାର ମୃତଦେହ ଜବତ କରି ନଂ. ୨/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମଙ୍ଗଳବାର ଅପରାହ୍ଣରେ ସ୍ନେହା ଓ ତାଙ୍କ ୨ ଜଣ ସାଙ୍ଗ ବାରିପଟେ ପଡିଥିବା କିଛି ଡାଙ୍ଗକାଠ ଗୋଟାଇ ଆଣି ସେଥିରେ ନିଆଁ ଲଗାଇ ସେଠାରେ ବସିଥିଲେ। ଆକସ୍ମିକ ଭାବେ ନିଆଁ ସ୍ନେହାଙ୍କ ଫ୍ରକ୍‌ଟିରେ ଲାଗି ଯାଇଥିଲା। ଫଳରେ ସେ ଗୁରୁତର ହୋଇ ପଡିଥିଲେ। ତାଙ୍କ ଚିତ୍କାର ଶୁଣି ନିକଟରେ ଥିବା କେତେ ଜଣ ଲୋକ ସେଠାରେ ପହଞ୍ଚି ଶିଶୁଟିକୁ ଉଦ୍ଧାର କରି ପ୍ରଥମେ ବୁଗୁଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଶରୀରର ଶତକଡା ୭୫ ଭାଗ ପୋଡିଯାଇଥିବା ଡାକ୍ତର ଘୋଷଣା କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ଶିଶୁଟିର ମୃତ୍ୟୁ ଘଟିଥିଲା।

## ବିଷ ପିଇ ଯୁବକଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୧।୧

ବିଷ ପାନ କରି ଗୁରୁତର ଥିବା ଜଣେ ଯୁବକଙ୍କର ଏମ୍‌କେସିଜି ମେଡିକାଲରେ ମୃତ୍ୟୁ ଘଟିଛି। ମୃତକ ଖଲ୍ଲିକୋଟ ଥାନା ତୋଟାଗାଁର ବାଲ୍ମୀକି ନାହାକ (୩୯) ବୋଲି ମେଡିକାଲ ଫାଣ୍ଡି ପୋଲିସ କହିଛି। ବୁଧବାର ମୃତଦେହ ଜବତ କରି ନଂ.୧/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। କୌଣସି ଏକ ଘରୋଇ ଅଶାନ୍ତିକୁ କେନ୍ଦ୍ରକରି ବାଲ୍ମୀକି ମଙ୍ଗଳବାର ବିଷପାନ କରି ଘରେ ବାନ୍ତି କରିଥିଲେ। ପରିବାର ଲୋକେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବ୍ରହ୍ମପୁର ଅଫିସ,୧।୧

ଡେକାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ୧୨ ଦିନ ଧରି ଚାଲିଥିବା ତାଲିମ ଶିବିର ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷ ଡ. ସରୋଜ କୁମାର ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ୭୮ ଛାତ୍ରୀ ଦୁଇଟି ପର୍ଯ୍ୟାୟରେ ପ୍ରଶିକ୍ଷଣ ନେଇଥିଲେ। ସଂଯୋଜିକା ତଥା ଅଧ୍ୟାପିକା ଡା. ମମତା କୁମାରୀ ପାଣିଗ୍ରାହୀ ଶିବିର ପରିଚାଳନା କରିଥିଲେ। ଲକ୍ଷ୍ମୀ ପ୍ରିୟା ସାହୁ ଯୋଗଦେଇ ଛାତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ। ବରିଷ୍ଠ ଅଧ୍ୟାପକ ଡ. ମାନସ ରଞ୍ଜନ ପଟ୍ଟନାୟକ, ଡ. ନୃସିଂହ ସାବତ, ଉମାଶଙ୍କର ପ୍ରଧାନ, ଡ. ଦେବବ୍ରତ ପାଢୀ, ଡ. ମାମିନୀ ମହାରଣା ଓ ମହାଦେବ ରଥ ପ୍ରମୁଖ ଉପସ୍ଥିତ ରହି ଶିବିରର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ରକାଶ ଚନ୍ଦ୍ର ପଣ୍ଡା, ପଞ୍ଚାନନ ପ୍ରଧାନ, ଯୋଗେନ୍ଦ୍ର ପ୍ରଧାନ ଓ ସୁକାନ୍ତ ସାହୁଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ଉଦ୍‌ଘାଟିତ

ବ୍ରହ୍ମପୁର ଅଫିସ,୧।୧

ପିଲାଙ୍କ ମଧ୍ୟରେ ଚଳଚ୍ଚିତ୍ର ନିର୍ମାଣ ପ୍ରତି ଆଗ୍ରହ ସୃଷ୍ଟି କରିବା, ସେମାନଙ୍କ ମଧ୍ୟରେ ସୂଚନା ଓ ପ୍ରଯୁକ୍ତିବିଦ୍ୟା ସମ୍ବଳିତ ମନୋରଞ୍ଜନ ପାଇଁ ଉଦ୍ଦିଷ୍ଟ ଜ୍ଞାନ ପ୍ରଦାନ କରିବା ନେଇ ସାଂସ୍କୃତିକ ଅନୁଷ୍ଠାନ ଲକ୍ଷ୍ୟ ପକ୍ଷରୁ ବ୍ରହ୍ମପୁର ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ଆୟୋଜିତ ହୋଇଯାଇଛି। ଗଞ୍ଜାମ କଳା ପରିଷଦ ପରିସରରେ ଦୁଇଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବକୁ ଚଳଚ୍ଚିତ୍ର ନିର୍ଦ୍ଦେଶକ ଉଦୟ ଶଙ୍କର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉତ୍ସବ ଅଧ୍ୟକ୍ଷ ମନୋଜ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସତୀଶ ପାତ୍ର, ଶଙ୍କର୍ଷଣ ପାତ୍ର, ଡ. ପ୍ରଦୀପ ଚନ୍ଦ୍ର ମହାପାତ୍ର, କୁମୁଦ ପ୍ରସାଦ ଆଚାର୍ଯ୍ୟ, ଏସ୍‌ଏମ୍‌ଆଇଟି ଗଣଯୋଗାଯୋଗ ବିଭାଗ ଅଧ୍ୟକ୍ଷା ଡ. ଭାରତୀବାଳା ପଟ୍ଟନାୟକ, ଗୋଲକ ତ୍ରିପାଠୀ, ରାଜୁ ପାଢୀ ଓ କୁନାଲ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସାମଲଙ୍କ ପୁସ୍ତକ 'ଗ୍ରୋଥ୍ ଆଣ୍ଡ ଡେଭଲପମେଣ୍ଟ ଅଫ ଓଡିଆ ସିନେମା' ଲୋକାର୍ପିତ ହୋଇଥିଲା। ଜୀବନବ୍ୟାପି ଉପଲବ୍ଧି ପାଇଁ ମୁଖ୍ୟଅତିଥି ଦାଶଙ୍କୁ ଲାଇଫ ଟାଇମ୍ ଆଚିଭମେଣ୍ଟ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବ ଅବସରରେ କୁନାଲ ପଟ୍ଟନାୟକଙ୍କ 'ତେଜସ୍ୱିନୀ', ଅଜିତ ନାହାକଙ୍କ 'ଦି ବିଗିନିଙ୍ଗ', କୁମୁଦ ପ୍ରସାଦ ଆଚାର୍ଯ୍ୟଙ୍କ 'ସମ୍ପର୍କ' ଗୋଲକ ତ୍ରିପାଠୀଙ୍କ 'ବାବୁ ବାଥରୁମରେ ଅଛନ୍ତି', ସତୀଶ ପାତ୍ରଙ୍କ 'ଉଦୟପୁର ତୀର୍ଥକ୍ଷେତ୍ର' ରାଜୁ ପାଢୀଙ୍କ 'ଭୋକ', ଅମୁଲ୍ୟ ରଞ୍ଜନ ସାହୁଙ୍କ 'ଇଣ୍ଟରଭ୍ୟୁ', ତ୍ରିପତି ନାୟକଙ୍କ 'ଆ...ଛୁଁ' ପ୍ରମୁଖ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଏଥିସହ ସ୍ୱର୍ଣ୍ଣପ୍ରଭା ପାଢୀ, କିରଣବାଳା ମିଶ୍ର, ପ୍ରଭୁ ଦତ୍ତ ଓ ଅରୁଣ ପଟ୍ଟନାୟକ ପ୍ରମୁଖଙ୍କ କ୍ଷୁଦ୍ର ଓ ଟେଲି ଫିଲ୍ମ, ଆଲବମ ସଙ୍ଗୀତ ପ୍ରଦର୍ଶିତ ହୋଇଥିଲା। ମନୋଜ କୁମାର ସାହୁ, ଅମୁଲ୍ୟ ରଞ୍ଜନ ସାହୁ, ରଶ୍ମିତା କୁମାରୀ ଦଳାଇ, ଲକ୍ଷ୍ମୀନାରାୟଣ ସାବତ, ଅଜିତ ନାହାକ ଓ ଟୁଟୁ ପାଢୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ■ ନୂତନ ବର୍ଷରେ ଆନ୍ତଃଗୃହ ଚାରାରୋପଣ ଆହ୍ୱାନ

# ସାଇକେଲରେ ସବୁଜ ବାହିନୀର ସଚେତନତା

ବ୍ରହ୍ମପୁର ଅଫିସ,୧।୧

ନୂତନ ବର୍ଷକୁ କିଛି ନିଆରା ଢଙ୍ଗରେ ସ୍ୱାଗତ କରିଛନ୍ତି ବ୍ରହ୍ମପୁର ସବୁଜ ବାହିନୀ କର୍ମକର୍ତ୍ତା। ନୂତନ ବର୍ଷରୁ ଗୃହ ମଧ୍ୟରେ ଚାରା ତଥା ଅନ୍ତଃଗୃହ ଚାରା ରୋପଣ ଦିଗରେ ଜନସଚେତନତା ଆରମ୍ଭ କରିଛନ୍ତି। ପୂର୍ବରୁ ସବୁଜ ବାହିନୀ ତରଫରୁ ବିଭିନ୍ନ ସ୍ଥାନରେ ବାହ୍ୟ ଚାରାରୋପଣ ଉପରେ ସଚେତନତା ସହ ଏ ଦିଗରେ ବହୁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏବେ ଅନ୍ତଃଗୃହ ଚାରା ରୋପଣ ଓ ତା'ର ଆବଶ୍ୟକତା ଉପରେ ସଚେତନତା ସୃଷ୍ଟି କରିବାକୁ ସବୁଜ ବାହିନୀ ଅଣ୍ଟା ଭିଡିଛି। ଏନେଇ ନୂତନ ବର୍ଷ ଅବସରରେ ଏକ ସଚେତନତା ସାଇକେଲ ଯାତ୍ରା ଆୟୋଜିତ ହୋଇଥିଲା। ପୁରୁଣା ବସ୍‌ଷ୍ଟାଣ୍ଡରୁ ଏହି ସାଇକେଲ ଶୋଭାଯାତ୍ରା ବାହାରି ବିଭିନ୍ନ ଅଞ୍ଚଳ ପରିକ୍ରମା କରି ଗିରିଜା ଛକରେ ପହଞ୍ଚିଥିଲା। ଏଥିରେ ପ୍ରାୟ ୧୬ ଜଣ ସ୍ୱେଚ୍ଛାସେବୀ, ସାମାଜିକ କର୍ମୀ, ସମାଜସେବୀ ସାମିଲ ହୋଇ ଅନ୍ତଃଗୃହ ଚାରାରୋପଣର ଅବଶ୍ୟକତା ଓ ଗୁରୁତ୍ୱ ଉପରେ ସଚେତନ କରିଥିଲେ। ଆଧୁନିକ ସମାଜରେ ବିଳାସପୂର୍ଣ୍ଣ ତଥା ଅତ୍ୟାଧୁନିକ ସାଜସଜ୍ଜା ଗୃହରେ ରହିବାକୁ ଅନେକ ପସନ୍ଦ କରୁଛନ୍ତି। ଫଳରେ ଅନେକଙ୍କ ବାହ୍ୟ ଚାରାରୋପଣ ପାଇଁ ଇଚ୍ଛା ସତ୍ତ୍ୱେ ଏହା କରିପାରୁ ନାହାନ୍ତି। ତେଣୁ ଇଚ୍ଛୁକ ଜନସାଧାରଣ ଗୃହ ଭିତରେ ଘିକୁଆଁରୀ, ତୁଳସୀ ଓ ମନି ପ୍ଲାଣ୍ଟ ଭଳି ଅନ୍ତଃଗୃହ ଚାରା ରୋପଣ କରିପାରିବେ ବୋଲି ସଂଗଠନ ପକ୍ଷରୁ ସୂଚାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଚକ୍ଷୁ ବିଶେଷଜ୍ଞ ଡ. ବି.ନାଗେଶ୍ୱର ରାଓ ସୁବୁଦ୍ଧି ଯୋଗଦେଇ ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ମଧୁମେହ ବିଶେଷଜ୍ଞ ଡା.ସୁନୀଲ କୋଟା ଏହାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଇକୋକ୍ଲବ ଜିଲା ସଂଯୋଜକ ଡ. ଶଙ୍କର ନାରାୟଣ ବେଜ ସ୍ୱାଗତ ଭାଷଣ ଦେଇଥିଲେ। ସବୁଜ ବାହିନୀ ସଭାପତି ଶିବରାମ ପାଣିଗ୍ରାହୀ, ସମ୍ପାଦକ ଏମ୍.ଦିଲୀପ କୁମାର, ଆଞ୍ଚଳିକ ବିକାଶ ପରିଷଦ ସଭାପତି ସାଗର କୁମାର ପାତ୍ର, ସମ୍ପାଦକ ବିଜେନ୍ଦ୍ର ମାଝି, ମାରୱାଡି ମହିଳା ସମ୍ପାଦିକା ରୁବି ଖେମାଣି, ମହାତ୍ମା ହେଲ୍‌ପିଂ ହ୍ୟାଣ୍ଡର ଏମ୍. ଭେଙ୍କଟ ରାମାଣା, ବନମାଳୀ ପ୍ରଧାନ, ଅରବିନ୍ଦ ଦେଶି ବେହେରା ଓ ଗୋପାଳ କୃଷ୍ଣ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ସାଇକେଲ ଶୋଭାଯାତ୍ରାକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି।

## ସଂକ୍ଷେପରେ

### କୁପୋଷଣ ସମ୍ପର୍କିତ ଆଲୋଚନାଚକ୍ର

**ଫୁଲବାଣୀ ଅଫିସ, ୧୧:** କନ୍ଧମାଳ ଜିଲାରେ ପ୍ରଚୁର ପରିମାଣର ପରିବା ଉତ୍ପାଦନ ହେଉଛି। ହେଲେ ଲୋକଙ୍କ ସଚେତନତା ଅଭାବ ଯୋଗୁ ଅନେକ ଶିଶୁ କୁପୋଷଣର ଶୀକାର ହେଉଛନ୍ତି। ବାରିରେ ଅମୃତଭଣ୍ଡା, ସଜନା ଛୁଇଁ, କଦଳୀ, ଶାଗ ପରି ବିଭିନ୍ନ ପୁଷ୍ଟିକର ପନିପରିବା ଚାଷ କରି ଏ ସବୁକୁ ଖାଦ୍ୟରେ ବ୍ୟବହାର କଲେ କୁପୋଷଣ ଦୂର ହେବ। ପରିବା ବ୍ୟବହାର କରି ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରିବା ପାଇଁ କିଶୋରୀ ବାଳିକାମାନଙ୍କୁ ସଚେତନ କରିବା ଆବଶ୍ୟକ ବୋଲି ସ୍ୱାତୀ ପକ୍ଷରୁ ନବବର୍ଷ ଉପଲକ୍ଷେ ଅନୁଷ୍ଠିତ କୁପୋଷଣ ସମ୍ପର୍କିତ ଆଲୋଚନା ଚକ୍ରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଫୁଲବାଣୀସ୍ଥିତ ଅନୁଷ୍ଠାନର କାର୍ଯ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ହରିଶଙ୍କର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରଶାନ୍ତ ଶତପଥୀ, ସାନ୍ତନୁ କୁମାର ମିଶ୍ର, ବିଶ୍ୱରଞ୍ଜନ କର, ବୈଦ୍ୟନାଥ ଖଟୁଆ, ପ୍ରଦୀପ କୁମାର ସ୍ୱାଇଁ, ସରୋଜ ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ରାଜ୍ୟସଭା ସଦସ୍ୟ ସ୍ୱର୍ଗତ ଏ.ଭି. ସ୍ୱାମୀଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ନୂତନ ବର୍ଷକୁ ସ୍ୱାଗତ କରି କେକ୍ କଟା ଯାଇଥିଲା।

### ବୃଦ୍ଧାଶ୍ରମରେ ଶୀତବସ୍ତ୍ର, ଖାଦ୍ୟ ବାଣ୍ଟିଲେ ଯୁବଗୋଷ୍ଠୀ

**ସୋରଡ଼ା,୧୧(ଡି.ଏନ.ଏ.):** ନୂତନ ବର୍ଷକୁ ସ୍ୱାଗତ ପାଇଁ ସର୍ବତ୍ର ଭୋଜିଭାତ, ନାଚଗୀତ ଆସର ଚାଲିଥିବା ବେଳେ ସୋରଡ଼ା ସ୍ମାଇଲ କ୍ଲବର ଯୁବକମାନେ ପୋଲସରା ନିକଟ ହାତୀଓଟ ବୃଦ୍ଧାଶ୍ରମକୁ ଯାଇ ଅନ୍ତେବାସୀଙ୍କ ସହ ସମୟ ବିତାଇଛନ୍ତି। ସେମାନଙ୍କୁ ଶୀତବସ୍ତ୍ର ଓ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି। ବୃଦ୍ଧାଶ୍ରମର ଅନ୍ତେବାସୀମାନେ ଶିକ୍ଷିତ ଯୁବ ଗୋଷ୍ଠୀଙ୍କ ଏପରି ମନୋଭାବକୁ ପ୍ରଶଂସା କରିବା ସହ ଖୁସି ବାଣ୍ଟିଥିଲେ। ଅବହେଳିତ ହୋଇ ଏଠାରେ ରହୁଥିବା ବ୍ୟକ୍ତିମାନଙ୍କ ପାଇଁ ସମାଜର ସବୁବର୍ଗର ଜନସାଧାରଣ ଏପରି ସହଯୋଗ, ଶ୍ରଦ୍ଧା ମନୋଭାବ ରଖିବାକୁ ଅନ୍ତେବାସୀମାନେ କହିଥିଲେ। ଜଗନ୍ନାଥ ପାଇଯୋଶୀ, ଜଗଦୀଶ ଦୋରା, ନାରାୟଣ ଡାକୁଆ, ଦୀପକ ଗୌଡ଼, ଅଭିଷେକ ପାଇଯୋଶୀ, ଭୋଲା ପଣ୍ଡା, ସିପୁ ପାତ୍ର ପ୍ରମୁଖ ଏହି ବଣ୍ଟନ କାର୍ଯ୍ୟକ୍ରମରେ ସାମିଲ ଥିଲେ।

### ବାପଟିଷ୍ଟ ଚର୍ଚ୍ଚରେ ପ୍ରାର୍ଥନା

**ଜି.ଉଦୟଗିରି,୧୧(ଡି.ଏନ.ଏ.):** ଜି.ଉଦୟଗିରିସ୍ଥିତ ନୂଆସାହି ବାପଟିଷ୍ଟ ଚର୍ଚ୍ଚଠାରେ ମଙ୍ଗଳବାର ମଧ୍ୟରାତି ଓ ବୁଧବାର ପ୍ରାର୍ଥନା ସହିତ ନୂତନ ବର୍ଷକୁ ସ୍ୱାଗତ କରାଯାଇଥିଲା। ଚର୍ଚ୍ଚର ସଭାପତି ପ୍ରତାପ କୁମାର ପ୍ରଧାନ, ସମ୍ପାଦକ ପ୍ରମୋଦ କୁମାର ନାୟକ, ଉପସଭାପତି ପ୍ରଶାନ୍ତ କୁମାର ଦାଶ, କୋଷାଧ୍ୟକ୍ଷ ଜାଲିନା ପ୍ରିୟଦର୍ଶିନୀ, ପ୍ରଦୀପ କୁମାର ନାୟକଙ୍କ ସମେତ ଚର୍ଚ୍ଚର ସମସ୍ତ କର୍ମକର୍ତ୍ତା ପ୍ରାର୍ଥନାରେ ଯୋଗଦେଇଥିଲେ। ନୂଆବର୍ଷ ନିମନ୍ତେ ଜି.ଉଦୟଗିରି ସହରର ଜଗନ୍ନାଥ ମନ୍ଦିର, ବରାଳିନି ମନ୍ଦିର, ଧବଳେଶ୍ୱର ମନ୍ଦିର ଆଦିରେ ପ୍ରବଳ ଜନଗହଳି ହୋଇଥିଲା। ଜି.ଉଦୟଗିରି ପୋଲିସ ଥାନା, କ୍ଲବ କାର୍ଯ୍ୟାଳୟ ପରିସରରେ ମଧ ନବବର୍ଷ ପାଳନ କରାଯାଇଥିଲା।

### ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟରେ ନବବର୍ଷ ପାଳିତ

**ବୁଗୁଡ଼ା,୧୧(ଡି.ଏନ.ଏ.):** ବୁଗୁଡ଼ା ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟରେ ବୁଧବାର ସକାଳ ୮ଟାରେ ଅଙ୍ଗନୱାଡ଼ି କର୍ମୀ ସଂଘର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ନବବର୍ଷ ପାଳିତ ହୋଇଯାଇଛି। କର୍ମକର୍ତ୍ତା ଓ କର୍ମୀମାନେ କାର୍ଯ୍ୟାଳୟରେ ପହଞ୍ଚି ସିଡିପିଓ ରଞ୍ଜିତା ତ୍ରିପାଠୀ ଏବଂ ଅନ୍ୟାନ୍ୟ ଅଞ୍ଚଳ ପରିଦର୍ଶିକା ଓ କର୍ମଚାରୀଙ୍କୁ ନୂତନ ବର୍ଷର ଶୁଭକାମନା କରି ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ଉକ୍ତ ଉତ୍ସବରେ ସଂଘର ସଭାପତି ବାସନ୍ତୀ ପ୍ରଧାନ, ଉପସଭାପତି ପ୍ରମୋଦିନୀ ସ୍ୱାଇଁ, ସମ୍ପାଦିକା ଅନିତା ମିଶ୍ର, କୋଷାଧ୍ୟକ୍ଷ ବିନୋଦିନୀ ପଟ୍ଟନାୟକଙ୍କ ସମେତ ସମସ୍ତ ସେକ୍ଟର ସ୍ତରୀୟ କର୍ମକର୍ତ୍ତାମାନେ ଓ ଅନ୍ୟାନ୍ୟ କର୍ମୀମାନେ ଉପସ୍ଥିତ ଥିଲେ।

## ବଢୁଛି ନିଶା କାରବାର

# ପୋଲିସ, ଅବକାରୀ ବିଭାଗ ନୀରବଦ୍ରଷ୍ଟା

**ବ୍ରହ୍ମପୁର ଅଫିସ,୧୧**

ଗଞ୍ଜାମ ଜିଲାର ବିଭିନ୍ନ ଗାଁରେ ଏବେ ଦିନକୁ ଦିନ ନିଶା କାରବାର ବଢ଼ିବାରେ ଲାଗିଛି। ଯୁବ ପିଢ଼ି ଏହି କାରବାରରେ ଏବେ ଲିପ୍ତ ରହୁଛନ୍ତି। ନିଶା କାରବାରକୁ କେନ୍ଦ୍ର କରି ବିଗତ ଦିନରେ ଜିଲାରେ ଅନେକ ମୁଣ୍ଡ ଗଡିଛି। ଗୋଟିଏ ପଟେ ଅବକାରୀ ବିଭାଗ ଅନ୍ୟପଟେ ପୋଲିସ ଏବେ ସାଜିଛି ନୀରବଦ୍ରଷ୍ଟା। ସେପଟେ ମାଲାମାଲ ହେଉଛନ୍ତି ମାଫିଆ। ଅଶାନ୍ତିରୁ ଗୋଷ୍ଠୀ ସଂଘର୍ଷ ଘଟୁଛି। ବେଆଇନ ଭାବେ ମଦ ଓ ଗଞ୍ଜେଇ ଆଡ୍ଡାରେ ଚଢାଉ ପୂର୍ବରୁ ଅବକାରୀ ଓ ପୋଲିସର ଦ୍ୱାରସ୍ଥ ହୋଇଥାନ୍ତି ମାଫିଆ। ପ୍ରତିଦିନ ଶହ ଶହ କେଜି ଚୋରା ଗଞ୍ଜେଇ ଚାଲାଣ ସାଙ୍ଗକୁ ମଦ ବ୍ରହ୍ମପୁର ସହରକୁ ଚାଲାଣ ହେଉଛି। ଅନେକ ସମୟରେ ଗଜପତି ଅଞ୍ଚଳରୁ ଗଞ୍ଜେଇ ଚୋରା ଚାଲାଣ ମହୁରି କାଳୁଆ ମନ୍ଦିର ରାସ୍ତା ସୁକୁଣ୍ଡା, ଲାଠୀ ଓ ପୁରୁଣା ବ୍ରହ୍ମପୁର ଦେଇ ବ୍ରହ୍ମପୁରକୁ ପ୍ରବେଶ କରୁଛି। ସେଠାରୁ ଅନ୍ୟ ଜିଲା ଓ ବାହାର ରାଜ୍ୟକୁ ଚାଲାଣ ହେଉଛି। ଅନ୍ୟପଟେ ବ୍ଲକର ବିଭିନ୍ନ ସ୍ଥାନରେ ପ୍ରସ୍ତୁତ ହେଉଥିବା ମଦଭାଟି ଗୁଡିକରେ ନିମ୍ନମାନର ମଦ ପ୍ରସ୍ତୁତ ହେଉଛି। ଦିନ ମଜୁରିଆ, ଶ୍ରମିକ, ଟ୍ରାକ୍ଟର ଚାଳକ, ରିକ୍ସାବାଲା ଓ ଖଟିଖିଆମାନେ ଅଧିକ ମାତ୍ରାରେ ଆକ୍ରାନ୍ତ ହେଉଛନ୍ତି। ଚୋରା ମଦ କାରବାର ଓ ଗଞ୍ଜେଇ ଚୋରା ଚାଲାଣ ରୋକିବା ପାଇଁ ଅବକାରୀ ବିଭାଗ ରହିଛି। ହେଲେ ଏହି ମାଫିଆମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ପରିଲକ୍ଷିତ ହେଉଛି। ଅବକାରୀ ଓ ପୋଲିସ ବିଭାଗ ଉଭୟ ମଦ ଓ ଗଞ୍ଜେଇ ବେପାରୀଙ୍କ ବନ୍ଧୁ ସାଜିଥିବା ସାଧାରଣରେ ଅଭିଯୋଗ ହେଉଛି। ବେଆଇନ ମଦ କାରବାର ଚଳାଉଥିବା ବେପାରୀଙ୍କ ତାଲିକା ପୋଲିସ ଓ ଅବକାରୀ ବିଭାଗ ପାଖରେ ରହିଛି। ଏନେଇ ସଦର ଏସ୍‌ଡ଼ିପିଓ ଜୟନ୍ତ ମହାପାତ୍ର କୁହନ୍ତି, ବେଆଇନ ମଦ କାରବାର ଓ ଗଞ୍ଜେଇ ଚୋରା ଚାଲାଣ ଉପରେ ପୋଲିସ କଡା ନଜର ରଖିଛି। ଗତ କିଛି ଦିନ ତଳେ ସଦର ଥାନା ପୋଲିସ ଗଜପତିରୁ ଗଞ୍ଜେଇ ଜଗଦଲପୁର ଗ୍ରାମ ଦେଇ ଅନ୍ୟ ରାଜ୍ୟକୁ ଚାଲାଣ ହେଉଥିବା ବେଳେ ଏକ କାର ସହ ୬୩ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଥିଲା। ଏପରିକି ୨ ଜଣଙ୍କୁ ଗିରଫ କରି ଜେଲ ପଠାଇଥିଲା। ସେହିପରି ଚୋରା ଦେଶୀ ମଦ ବେପାରୀଙ୍କ ଉପରେ ପୋଲିସ କଡା ନଜର ରଖିଛି ବୋଲି ଅବକାରୀ ଇନ୍ସପେକ୍ଟର ରୋଶନ ହାଁସଦା ସୂଚନା ଦେଇଛନ୍ତି।

## ଆହତଙ୍କୁ ମେଡିକାଲ ନେଲେ ତହସିଲଦାର



ଦୁର୍ଘଟଣାସ୍ଥଳ।

**ପୁରୁଷୋତ୍ତମପୁର,୧୧(ଡି.ଏନ.ଏ.)**

ପୁରୁଷୋତ୍ତମପୁର ଥାନା ଭାଟକୁମରଡା ନିକଟରେ ବ୍ରହ୍ମପୁର-ପୁରୁଷୋତ୍ତମପୁର ମୁଖ୍ୟରାସ୍ତାରେ ବୁଧବାର ସନ୍ଧ୍ୟାରେ ଏକ ଅଟୋ ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ୨ଜଣ ଆହତ ହୋଇ ରାସ୍ତାରେ ପଡିଥିଲେ। ଫଳରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ସେହି ରାସ୍ତାଦେଇ ଯାଉଥିବା ପୁରୁଷୋତ୍ତମପୁର ତହସିଲଦାର ଅରୁଣ କୁମାର ନାୟକ ଦୁର୍ଘଟଣାଗ୍ରସ୍ତ ଗାଡିକୁ ରାସ୍ତାରୁ ହଟାଇ ଟ୍ରାଫିକ ନିୟନ୍ତ୍ରଣ କରିବା ସହ ନିଜ ଗାଡିରେ ଆହତଙ୍କୁ ଭାଟକୁମରଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଚିକିତ୍ସା କରାଇଥିଲେ। ଆହତମାନେ ହେଲେ କବିସୂର୍ଯ୍ୟନଗରର ସୀମାଞ୍ଚଳ ଦାଶ ଓ ରାଇପୁରର ନୀଳାଞ୍ଚଳ ବେହେରା। ତହସିଲଦାରଙ୍କ ମାନବିକତାକୁ ଜନସାଧାରଣ ପ୍ରଶଂସା କରିଛନ୍ତି। ପୁରୁଷୋତ୍ତମପୁର ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

## ଶଶିଭୂଷଣ ରଥଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ



ମଞ୍ଚାସୀନ ଅତିଥିମାନେ।

**ସୋରଡ଼ା,୧୧(ଡି.ଏନ୍.ଏ.)**

ଶଶିଭୂଷଣ ସାହିତ୍ୟ ସଂସଦ ଓ ଓଡ଼ିଶା ସାହିତ୍ୟ ଏକାଡ଼େମୀର ମିଳିତ ଆନୁକୂଲ୍ୟରେ ସାହିତ୍ୟ ସାଧକ ଶଶିଭୂଷଣ ରଥଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ସୋରଡ଼ା ସୀତାରାମ ରଙ୍ଗମଞ୍ଚଠାରେ ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ବିଶିଷ୍ଟ ଅତିଥି ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ଶିବପ୍ରସାଦ ଅଧିକାରୀ, ଶିକ୍ଷାବିତ୍ ଡ. ଅନନ୍ତରାମ କର, ପଦ୍ମଲୋଚନ ପଣ୍ଡା, ମୁଖ୍ୟବକ୍ତା ଭାବେ ଡ.ଦେବୀ ପ୍ରସାଦ ଶତପଥୀ, ସମାଜିକ କର୍ମୀ ଧୋବା ବେହେରା ପ୍ରମୁଖ ଯୋଗ ଦେଇଥିଲେ। ବିଧାୟକ ସ୍ୱାଇଁ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଅଧ୍ୟାପକ ରଞ୍ଜନ ପାଇଯୋଶୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭିକ ସଙ୍ଗୀତ ଗାନ ପରେ ଅତିଥିମାନେ ଶଶିଭୂଷଣ ରଥଙ୍କ ସାହିତ୍ୟଧାରା, ସେବାଭାବ ତଥା ଅନ୍ଧବିଶ୍ୱାସ, କୁସଂସ୍କାର ସଚେତନତା ଉପରେ କରିଯାଇଥିବା କାର୍ଯ୍ୟାବଳିକୁ ବଜାୟ ରଖିବାକୁ କହିଥିଲେ। ପୂର୍ବରୁ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କହ୍ନେଇ ପଣ୍ଡା, ଜ୍ୟୋତ୍ସ୍ନାରାଣୀ ପାତ୍ର, ତେଜସ୍ୱିନୀ ପଣ୍ଡାଙ୍କୁ ଏହି ଅବସରରେ ପ୍ରମାଣପତ୍ର, ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଧୋବା ବେହେରା, କାଳିଚରଣ ପ୍ରଧାନ, ଶିବପ୍ରସାଦ ସୁଆରଙ୍କୁ ଶଶିଭୂଷଣ ସାହିତ୍ୟ ସମ୍ମାନ ପ୍ରଦାନ ସହ ଉପଢ଼ୌକନ ଦିଆଯାଇଥିଲା। ସେମାନଙ୍କୁ ସମାଜ ପାଇଁ ଅବଦାନ ନିମନ୍ତେ ସମ୍ମାନିତ କରାଯାଇଥିଲା। ଲମ୍ବୋଦର ଅଧିକାରୀ, ରଞ୍ଜନ ପାଇଯୋଶୀ, ଉମା ଶଙ୍କର ଦାଶ, କାଳି ଚରଣ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାହିତ୍ୟିକ, ରାଜନୀତିଜ୍ଞ, କଳାକାର, ସଙ୍ଗୀତଜ୍ଞ, ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ।

## ନାଚଗୀତ, ଭୋଜିଭାତରେ ନବବର୍ଷକୁ ସ୍ୱାଗତ

**ପାରଳାଖେମୁଣ୍ଡି,୧୧(ସ୍ୱ.ପ୍ର.)**

ପୁରୁଣା ବର୍ଷକୁ ବିଦାୟ ଦେଇ ନୂତନ ଦଶକ ୨୦୨୦କୁ ସମସ୍ତେ ସ୍ୱାଗତ କରିଛନ୍ତି। ଏଥିପାଇଁ ମଙ୍ଗଳବାର ରାତିରୁ ସହରରେ ଆରମ୍ଭ ହୋଇଥିଲା ଉତ୍ସବ ପାଳନ। ସବୁଠି ନାଚ ଗୀତ ଆଉ ଭୋଜିଭାତର ଆସର ଜମିଥିଲା। ସେହିପରି ନୂତନ ବର୍ଷକୁ ସ୍ୱାଗତ କରିବାପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଳମ୍ବିତ ରାତିରେ ସହରର ବିଭିନ୍ନ ଛକରେ ଯୁବଗୋଷ୍ଠୀଙ୍କ ଦ୍ୱରା ନାଚ ଗୀତ ସହ ଉତ୍ସବ ପାଳନ କରାଯାଇଥିଲା। ବଜାର ଛକ, ସେରିସାହି ଛକ, ରାଜଦାଣ୍ଡ, ଖଞ୍ଜାସାହି ଭଣ୍ଡାରୀ ସାହିରେ ଉତ୍ସବ ପାଳନ ସହ ପରସ୍ପରକୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ଦେଖିବାକୁ ମିଳିଥିଲା। ବୁଧବାର ନୂତନ ସକାଳରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ନୃତ୍ୟ ସଙ୍ଗୀତ ସହ ଭୋଜିଭାତର ଆୟୋଜନ କରାଯାଇଥିଲା। ସେହିପରି ଏହି ଅବସରରେ ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓଙ୍କ ସମେତ ଜିଲାପାଳ ଅନୁପମ ଶାହା, ଏସ୍‌ପି ସାରା ଶର୍ମା, ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁ ପ୍ରମୁଖ ଜିଲାସ୍ତରୀୟ ଅଧିକାରୀଙ୍କୁ ନବ ବର୍ଷର ଶୁଭକାମନା ଜଣାଇବାକୁ ଭିଡ଼ ଜମିଥିଲା।

## ଦିବ୍ୟାଙ୍ଗଙ୍କୁ ମିଳିଲା ସହାୟତା

**ଧରିତ୍ରୀ ପ୍ରଭାବ**

**ଫିରିଙ୍ଗିଆ, ୧୧**

ଦିବ୍ୟାଙ୍ଗ ପ୍ରମାଣପତ୍ର ଥାଇ ବି ସରକାରୀ ସୁବିଧାରୁ ବଞ୍ଚିତ ଥିବା ଫିରିଙ୍ଗିଆ ବ୍ଲକ ଡିମିରିଗୁଡା ପଞ୍ଚାୟତ ପିଡ଼ିଆଗୁଡା ଗ୍ରାମର ଶଙ୍କର ବଗାରଙ୍କୁ ପ୍ରଶାସନ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ତାଙ୍କୁ ଭତ୍ତା, ଚାଉଳ ଓ ଆଶାବାଡି ପ୍ରଦାନ କରାଯାଇଛି। ଏଥିସହ ଭିନ୍ନକ୍ଷମ ଯୋଜନାରେ ଘର ପ୍ରଦାନ କରାଯିବ ବୋଲି ବିଡିଓ ରଶ୍ମି ରଞ୍ଜନ ମହନ୍ତ ପ୍ରକାଶ କରିଛନ୍ତି। ଶଙ୍କରଙ୍କ ଡାହଣ ଗୋଡ଼ ଅଚଳ ଥିବାରୁ ଦିବ୍ୟାଙ୍ଗ ପ୍ରମାଣପତ୍ର ମିଳିଥିଲା। ହେଲେ କୌଣସି ସରକାରୀ ସୁବିଧା ଯୋଗାଇ ଦିଆଯାଇ ନ ଥିଲା। ଏ ନେଇ 'ଧରିତ୍ରୀ'ରେ ଏକ ଖବର ପ୍ରକାଶ ପାଇଥିଲା। ପରେ ପ୍ରଶାସନିକ ଅଧିକାରୀ ତାଙ୍କ ଘରକୁ ଯାଇ ସହାୟତା ପ୍ରଦାନ କରିଥିଲେ।

ଶଙ୍କର ପିଲା ବେଳୁ ଠିକ୍ ଥିଲେ। ତାଙ୍କର ଗୋଟିଏ ଝିଅ ଅଛି। ଗତ ୨ ବର୍ଷ ତଳେ ହଠାତ ଡାହାଣପଟ ଆଣ୍ଠୁ ବ୍ୟଥା ହୋଇଥିଲା। ଡାକ୍ତରଙ୍କୁ



ଶଙ୍କର ବଗାର।

ଦେଖାଇ ବହୁ ଔଷଧ ସେବନ କଲା ପରେ ବି କିଛି ସୁଫଳ ମିଳି ନ ଥିଲା। ୨୦୧୮ ଡିସେମ୍ବର ୧୫ରେ ତାଙ୍କୁ ୫୦ ପ୍ରତିଶତ ଦିବ୍ୟାଙ୍ଗ ପ୍ରମାଣପତ୍ର ଦିଆ ଯାଇଥିଲା। ଶଙ୍କରଙ୍କ ନିଜସ୍ୱ ନାହିଁ। ଅନ୍ୟ ଜଣଙ୍କ ଜାଗାରେ ଏକ ଚାଳ ଘର କରି ରହି ଡିମିରିଗୁଡା ଛକରେ ଏକ ଜଳଖିଆ ଦୋକାନ କରି ଚଳୁଛନ୍ତି।

## ସ୍ଲିପର,ଏସି ବଗି ଫାଟକ ବନ୍ଦ: ଯାତ୍ରୀ ହଇରାଣ

**ଛତ୍ରପୁର,୧୧(ଡି.ଏନ.ଏ)**

ଛତ୍ରପୁର ଷ୍ଟେଶନରେ ରହୁଥିବା ବିଭିନ୍ନ ଟ୍ରେନ୍‌ର ସ୍ଲିପର ଓ ଏସି ବଗିର ଫାଟକ ବନ୍ଦ ରହୁଛି। ଫଳରେ ଏସବୁ ବଗିରେ ଯିବାପାଇଁ ଟିକେଟ କରିଥିବା ଯାତ୍ରୀମାନେ ଟ୍ରେନ୍‌ରେ ଚଢିବାକୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଛତ୍ରପୁର ଷ୍ଟେଶନରେ ଏକ୍ସପ୍ରେସ୍, ସୁପରଫାଷ୍ଟ ଓ ମେଲ୍ ଟ୍ରେନ୍ ମାତ୍ର ୨ ମିନିଟ ପାଇଁ ରହଣି କରିଥାଏ। ବୁଧବାର ଭୁବନେଶ୍ୱରରୁ ସିକନ୍ଦରାବାଦ ଯାଉଥିବା ବିଶାଖା ଏକ୍ସପ୍ରେସ୍‌ର ଏସି ବଗି ଫାଟକ ବନ୍ଦ ରହିଥିବାରୁ ଛତ୍ରପୁର ଗୌତମ ନଗରର ଏସ୍. ସାମ୍ବ ଶିବା ରାଓଙ୍କ ପରିବାର ସମସ୍ୟାରେ ପଡିଥିଲେ। ପରେ ଏ ସମ୍ପର୍କରେ ଷ୍ଟେଶନ ମ୍ୟାନେଜରଙ୍କୁ ଶିବା ରାଓ ଲିଖିତ ଅଭିଯୋଗ କରିଛନ୍ତି। ବିଭିନ୍ନ ସମୟରେ ଏପରି ଦେଖା ଦେଉଥିବାରୁ ଯାତ୍ରୀମାନେ ହଇରାଣ ହେଉଛନ୍ତି। ସ୍ଲିପର ଓ ଏସି ଯାତ୍ରୀ ପ୍ରଥମେ ଜେନେରାଲ ଓ ଅନ୍ୟ ବଗିରେ ଚଢିବାକୁ ପଡୁଛି। ପରେ ବ୍ରହ୍ମପୁର ଓ ବାଲୁଗାଁ ଷ୍ଟେଶନରେ ଓହ୍ଲାଇ ନିଜ ବଗିକୁ ଯିବାକୁ ପଡୁଛି। ଏହି ସମସ୍ୟାର ସମାଧାନ ଦାବି କରିଛନ୍ତି ଓକିଲ ବି. ଶ୍ରୀନିବାସ। ଏସି ବଗିରେ ଆଟେଣ୍ଡାଣ୍ଟ ରହୁଥିବାରୁ ଫାଟକ ଖୋଲାଯିବା କଥା। ମାତ୍ର ଏହା କରାଯାଉନି। ଏପରିକି ଛତ୍ରପୁର ଷ୍ଟେଶନରୁ ଯାତ୍ରୀମାନେ ବିଭିନ୍ନ ସ୍ଥାନକୁ ଯିବା ପାଇଁ ବୋର୍ଡିଂ ଏଠାରୁ ଟିକେଟ୍ ସଂରକ୍ଷଣ ବେଳେ ରହିଥାଏ। ଏଥିପାଇଁ ଟିଟି ମଧ ଧ୍ୟାନ ଦେବାକୁ ଦାବି ହୋଇଛି।



ଅଭିଯୋଗପତ୍ର ପ୍ରଦାନ କରାଯାଉଛି।

## ତାମ୍ପରାରେ ବୋଟିଂ ମଜାନେଲେ ପର୍ଯ୍ୟଟକ

**ଛତ୍ରପୁର,୧୧(ଡି.ଏନ.ଏ)**

ନୂତନ ବର୍ଷର ପ୍ରଥମ ଦିନରେ ବୁଧବାର ଛତ୍ରପୁର ଉପକଣ୍ଠ ହ୍ରଦ ତାମ୍ପରା ପର୍ଯ୍ୟଟନ କ୍ଷେତ୍ରରେ ପର୍ଯ୍ୟଟକଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ପର୍ଯ୍ୟଟକମାନେ ଏଠାରେ ପ୍ରାକୃତିକ ଦୃଶ୍ୟ ଉପଭୋଗ କରିବା ସହ ବୋଟିଂର ମଜା ନେଇଛନ୍ତି। ଏଠାରେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏକ ଘରୋଇ ସଂସ୍ଥା ସହ ଚୁକ୍ତି କରାଯାଇ ବୋଟିଂ, ୱାଟର ସ୍ପୋର୍ଟସ୍‌ର ବ୍ୟବସ୍ଥା କରାଯାଇଛି। ପର୍ଯ୍ୟଟକମାନେ ପିକ୍‌ନିକ୍ କରୁଛନ୍ତି। ହେଲେ ଏଠାରେ ପାଇଖାନା ବ୍ୟବସ୍ଥା ହୋଇନି। ଓଟିଡିସି ପକ୍ଷରୁ ଏକ କମ୍ପ୍ଲେକ୍ସ ନିର୍ମାଣ କାମ ସରିଥିଲେ ମଧ୍ୟ ତାହାକୁ କାର୍ଯ୍ୟକାରୀ କରାଯାଇନି। ଉକ୍ତ କମ୍ପ୍ଲେକ୍ସରେ ପାଣି, ସ୍ନାକ୍ସ ସେଣ୍ଟର, ପାଇଖାନାର ବ୍ୟବସ୍ଥା ହୋଇଛି। ତେବେ ଏହା କାର୍ଯ୍ୟକ୍ଷମ ହେଉ ନ ଥିବାରୁ ପର୍ଯ୍ୟଟକମାନେ ନିରାଶ ହେଉଥିବା ମଧ୍ୟ ଦେଖିବାକୁ ମିଳିଛି। ତୁରନ୍ତ ଏହାକୁ କାର୍ଯ୍ୟକ୍ଷମ କରିବାକୁ ପର୍ଯ୍ୟଟକମାନେ ଦାବି କରୁଛନ୍ତି। ଅନ୍ୟପକ୍ଷରେ ତାମ୍ପରା ଉପକଣ୍ଠରେ ଥିବା ଡିଆରଡିଏର ଗେଷ୍ଟ ହାଉସଠାରୁ ହ୍ରଦର କୂଳେ କୂଳେ ସିଧାସଳଖ ବୋଟିଂ ଓ ପିକ୍‌ନିକ୍ ସ୍ଥାନକୁ ରାସ୍ତା ନିର୍ମାଣ କରାଯାଉଛି। ଆଗକୁ ପାର୍କ ନିର୍ମାଣ ହେବ।



ପର୍ଯ୍ୟଟକମାନେ ତାମ୍ପରା ଦୃଶ୍ୟ ଉପଭୋଗ କରୁଛନ୍ତି।

## ରାଜମିସ୍ତ୍ରି, କାରିଗର ସଂଘର ଆଲୋଚନା ସଭା

**ଦିଗପହଣ୍ଡି,୧୧(ଡି.ଏନ.ଏ.)**

ଦିଗପହଣ୍ଡିସ୍ଥିତ ଖେମୁଣ୍ଡି ବିଶ୍ୱକର୍ମା ରାଜମିସ୍ତ୍ରି ଓ କାରିଗର ଶ୍ରମିକ ସଂଘର ପରିବର୍ଦ୍ଧିତ ଆଲୋଚନା ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଖମାରୀଗାଁସ୍ଥିତ ଉଜ୍ଜଳେଶ୍ୱରଙ୍କ ପୀଠ ପରିସରରେ ଆୟୋଜିତ ଏହି ସଭାରେ ସଂଘ ସଭାପତି ଶିବରାମ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ନିର୍ମାଣ ଶ୍ରମିକ ସଂଘର ଜିଲା କମିଟି ସଭ୍ୟ କୈଳାସ ଚନ୍ଦ୍ର ମହାରଣାଙ୍କ ପ୍ରସ୍ତାବକ୍ରମେ ରାଜମିସ୍ତ୍ରି ଓ କାରିଗରମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ସଭାରେ ଆଲୋଚନା କରାଯାଇଥିଲା। ସଭ୍ୟ ସଂଗ୍ରହ ଅଭିଯାନକୁ ତ୍ୱରାନ୍ୱିତ କରାଯିବା ପାଇଁ ସଭାରେ ନିଷ୍ପତ୍ତି ନିଆଯାଇଥିଲା। ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ୨୧ ହଜାର ଟଙ୍କା କରାଯିବା, ମାସିକ ପେନସନ୍ ୧୦ ହଜାର ଟଙ୍କା, କେନ୍ଦ୍ର ସରକାରଙ୍କ ପକ୍ଷରୁ ଶ୍ରମ ଆଇନ ସଂଶୋଧନ ପ୍ରସ୍ତାବକୁ ବାତିଲ, ବୀମା, ବ୍ୟାଙ୍କ ଆଦି ଅନ୍ୟାନ୍ୟ ଶିଳ୍ପର ଘରୋଇ କରଣ ଉଦ୍ୟମ ବନ୍ଦ କରାଯିବା ସହ ଶତ ପ୍ରତିଶତ ଏଫଡିଆଇ ପୁଞ୍ଜି ନିବେଶ ନିଷ୍ପତ୍ତିକୁ ପ୍ରତ୍ୟାହାର କରାଯିବା ଦାବି ନେଇ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଆସନ୍ତା ୮ ତାରିଖରେ ଦେଶବ୍ୟାପୀ ଧର୍ମଘଟକୁ ଦିଗପହଣ୍ଡି ଅଞ୍ଚଳରେ ସଫଳ କରିବା ପାଇଁ ସଭାରେ ସର୍ବସମ୍ମତ ନିଷ୍ପତ୍ତି ଗୃହୀତ କରାଯାଇଥିଲା। ସଂଘର ସମ୍ପାଦକ କୈଳାସ ମହାରଣା, ଉପସଭାପତି ରବୀନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ଉପେନ୍ଦ୍ର ବେହେରାଙ୍କ ସମେତ ସଭ୍ୟ ରାମ ମହାରଣା, ଅଭି ସେଠୀ, ପ୍ରଫୁଲ୍ଲ ମହାରଣା, ରାଜେନ୍ଦ୍ର ବେହେରା, ପ୍ରତାପ ମହାରଣା, ସୁଶାନ୍ତ ବାଡତ୍ୟା, ତ୍ରିପତି ଗୌଡ, ରାମ ରେଡ୍ଡୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଜିଲାସ୍ତରୀୟ ନିରଙ୍କାରୀ ଭକ୍ତ ସମାବେଶ

**ଦିଗପହଣ୍ଡି,୧୧(ଡି.ଏନ୍.ଏ.)**

ଦିଗପହଣ୍ଡି ଠାରେ ସନ୍ଥ ନିରଙ୍କାରୀ ମିଶନ ପକ୍ଷରୁ ବୁଧବାର ୨୪ତମ ଗଞ୍ଜାମ ଜିଲାସ୍ତରୀୟ ନିରଙ୍କାରୀ ଭକ୍ତ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସମେତ କଟକ, ପୁରୀ, ଚିଲିକା, ଖୋର୍ଦ୍ଧା, ଭୁବନେଶ୍ୱର ଆଦି ଅଞ୍ଚଳର ୧୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ମିଶନର ଆବାହକ ଏନ୍. ରଘୁନାଥଙ୍କ ସଂଯୋଜନାରେ ଆୟୋଜିତ ସତସଙ୍ଗ କାର୍ଯ୍ୟକ୍ରମରେ ଦିଲ୍ଲୀ ମିଶନର କେନ୍ଦ୍ରୀୟ ପ୍ରଚାରକ ସନ୍ଥ ଗଜେନ୍ଦ୍ର କୁମାର ଦ୍ୱିବେଦୀ ଗୁରୁ ଆସନ ଗ୍ରହଣ କରି ମାନବ ସେବା ହିଁ ଈଶ୍ୱର ସେବା ବୋଲି ମାର୍ଗଦର୍ଶନ କରିଥିଲେ।

ସଦଗୁରୁ ହର ଦେବ ସିଂଙ୍କ ମୁଖନିଃସୃତ ବାଣୀ ଅନୁସାରେ ଜାତି, ଧର୍ମ ଓ ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତେ ଭାତୃଭାବ ପ୍ରତିଷ୍ଠା ପାଇଁ ଅହିଂସା, ସତ୍ୟ, ପ୍ରେମ ଓ ଆଧ୍ୟାତ୍ମିକ ଚେତନା ଭଳି ଆଦର୍ଶ ମାର୍ଗରେ ପରିଚାଳିତ ହେବାକୁ ସେ ପରାମର୍ଶ ଦେଇଥିଲେ। ବ୍ରହ୍ମତତ୍ତ୍ୱ ଦର୍ଶନ କରି ସମାଜରେ ମାନବ ଏକତା ଓ ପ୍ରେମ ପ୍ରତିଷ୍ଠା ପାଇଁ ସେ ଗୁରୁଦ୍ୱାରୋପ କରିଥିଲେ। ସତ୍‌ସଙ୍ଗରେ ସ୍ଥାନୀୟ ତହସିଲଦାର ଅଦ୍ୱୈତ୍ୟ କୁମାର ସ୍ୱାଇଁ, ଆୟୋଜକ କମିଟି ସଭାପତି ଆର୍. ଧନୁ, ସମ୍ପାଦକ ଡି. ସନାତନ ଦୋରା, କୋଷାଧ୍ୟକ୍ଷ ଆର୍. ଭଗବାନ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରମୁଖ କାର୍ଯ୍ୟକର୍ତ୍ତା ଆର୍. ଦୀନବନ୍ଧୁ, ଡି. ଆଦିକନ୍ଦ, କୈଳାସ ରେଡ୍ଡୀ, ଡମ୍ବରୁ ସେଠୀ, ସୀମାଞ୍ଚଳ ରାଉଳ, ବିଜୟ ରେଡ୍ଡୀ, ଏମ. ପ୍ରକାଶ, ଟି. ହରିଶ୍ଚନ୍ଦ୍ର, ଟି. ନାଗେଶର, ତ୍ରିଲୋଚନ ସାହୁ, ବିନୋଦ ସାହୁ, ଡି. ନରସିଂହ, ଭାସ୍କର ରେଡ୍ଡୀ ପ୍ରମୁଖ ସେବାଦଳ ସଦସ୍ୟା ସଦସ୍ୟ ଓ ବିଭିନ୍ନ ସ୍ୱ ସଂଗ ଶାଖାର କର୍ମକର୍ତ୍ତା ସଭ୍ୟାସଭ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।



ସନ୍ଥ ଗଜେନ୍ଦ୍ର କୁମାର ଦ୍ୱିବେଦୀ।



ସତସଙ୍ଗରେ ଉପସ୍ଥିତ ଭକ୍ତମାନେ।

